# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 29 November - 2024

### News Editor : Satya Narayan Pattanaik

***********************************

## ମୁଖ୍ୟ ସମ୍ବାଦ

- ୫୯ତମ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କଲେ ଗୃହମନ୍ତ୍ରୀ ଅମିତ ଶାହା।

  - ସୁରକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ସମ୍ମିଳନୀରେ ହେବ ଆଲୋଚନା।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀରେ ଯୋଗଦେବା ପାଇଁ ଆଜି ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ।

- କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ହୀରାକୁଦ ଏବଂ ସାତକୋଶିଆ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କା ଲେଖାଏଁ ମଞ୍ଜୁର।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ କୋହଲା ପାଗ ସହିତ କେତେକ ଅଞ୍ଚଳରେ ଲାଗିରହିଛି ସାମାନ୍ୟ ବର୍ଷା।

**BBSR/C**

# ପୋଲିସ ସମ୍ମିଳନୀ

୫୯ତମ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ବିଭିନ୍ନ ରାଜ୍ୟର ପୋଲିସ ଅଧିକାରୀ, ପୋଲିସ ସଂସ୍ଥାମାନଙ୍କ ମୁଖ୍ୟ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏହି ସମ୍ମିଳନୀରେ ଆସନ୍ତାକାଲି ଏବଂ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବେ। ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗଗୁଡ଼ିକ ଉପରେ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଆଲୋଚନା କରିବେ। ଆଭ୍ୟନ୍ତରୀଣ ନିରାପତ୍ତା, ନୂଆ ଅପରାଧ ଆଇନ, ସାମୁଦ୍ରିକ ନିରାପତ୍ତା, ସାଇବର ଅପରାଧ, ମାଓ ଦମନ, କୃତ୍ରିମ ବୁଦ୍ଧିମତା ଏବଂ ସନ୍ତ୍ରାସବାଦକୁ ପ୍ରତିହତ କରିବା ନେଇ ସମ୍ମିଳନୀରେ ଆଲୋଚନା ହେବ। ରାଷ୍ଟ୍ରପତି ପୁଲିସ ପଦକ ପାଇଥିବା ଅଧିକାରୀମାନଙ୍କୁ ସମ୍ମିଳନୀରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଦଳୀୟ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଦଳୀୟ କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଏବଂ ଦଳର ପଦାଧିକାରୀମାନେ ଭାଗନେବେ ବୋଲି ସୂଚନା ମିଳିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଧାନସଭା ଆଜି ଏବଂ ଆସନ୍ତାକାଲି ବନ୍ଦ ରହିଛି।

***BBSR***

## ସ୍ୱତନ୍ତ୍ର ସହାୟତା

ରାଜ୍ୟକୁ ସ୍ୱତନ୍ତ୍ର ସହାୟତା-ଏସ୍.ଏ.ଏସ୍.ସି.ଆଇ. ଯୋଜନା ଅଧିନରେ ୨୩ଟି ରାଜ୍ୟର ୪୦ଟି ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ମଞ୍ଜୁରି ମିଳିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ହୀରାକୁଦ ଓ ସାତକୋଶିଆ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଉଭୟ ପ୍ରକଳ୍ପ ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ଲେଖାଏଁ ମଞ୍ଜୁରି ମିଳିଛି। କେନ୍ଦ୍ର ସରକାର ମଞ୍ଜୁରୀ କରିଥିବା ଅର୍ଥ ଏହି ଦୁଇ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ କରାଯିବ। କେନ୍ଦ୍ର ସରକାର ଓଡ଼ିଶାର ଏହି ଦୁଇ ପର୍ଯ୍ୟଟନସ୍ଥଳୀକୁ ଆର୍ଥିକ ସହାୟତା ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

***Desk***

## ସୁଭଦ୍ରା ଯୋଜନା

ଚଳିତ ମାସ ସୁଦ୍ଧା ଯେଉଁ ମହିଳାମାନଙ୍କର ବୟସ ୨୧ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସୁଭଦ୍ରା ଯୋଜନାରେ ଆର୍ଥିକ ସାହାଯ୍ୟ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ସୁଭଦ୍ରା ଯୋଜନାପାଇଁ ଆବେଦନ ଖାରଜର ଯାଞ୍ଚ୍ ଶେଷ ହେବ । ମାଲକାନଗିରି, ଗଜପତି ଓ କୋରାପୁଟ ଜିଲ୍ଲାରେ ଅଧିକ ଆବେଦନ ଖାରଜ ହୋଇଥିବାରୁ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ଆବଦନଗୁଡ଼ିକ ଯାଞ୍ଚ୍ କରାଯାଇଛି । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ୧ କୋଟି ୬ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ଆର୍ଥିକ ସାହାଯ୍ୟ ପାଇବାପାଇଁ ଆବେଦନ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ ୨ ଲକ୍ଷ ୬୪ ହଜାର ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି ।

***Desk***

## ଜବରଦଖଲ ଜମି

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୩ ହଜାର ୪୮୦ ଏକର ସରକାରୀ ଜମି ଜବରଦଖଲରେ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ କହିଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଓପିଏଲ୍ଇ ଆଇନ-୧୯୭୨ ଅନୁସାରେ ଜବରଦଖଲକାରୀମାନଙ୍କୁ ସରକାରୀ ଜମିରୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଜାରି ରହିଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଅନୁସାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧ ଲକ୍ଷ ୮

ହଜାର ୭୭୩ ଏକର ସରକାରୀ ଜମି ଜବରଦଖଲରେ ଥିଲା। ସେଥିମଧ୍ୟରୁ ୫୫ ହଜାର ୨୯୩ ଏକର ଜବରଦଖଲ ମୁକ୍ତ କରାଯାଇଛି।

***BBSR, Puri***

## ନୌସେନା ଦିବସ

ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆସନ୍ତା ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ଦିବସ ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ନୌସେନା ଦିବସ ପାଳନ ପୂର୍ବରୁ ପୁରୀ ବେଳାଭୂମିରେ ନୌସେନାର ସମରାଭ୍ୟାସ ଚାଲିଛି। ନୌସେନାର ୨୫ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜ ଏବଂ ହେଲିକପ୍ଟର ସମରାଭ୍ୟାସରେ ସାମିଲ କରାଯାଇଛି। ଚିଲିକାସ୍ଥିତ ଭାରତୀୟ ନୌସେନାବାହିନୀର କମୋଡର ଏବଂ କମାଣ୍ଡିଙ୍ଗ ଅଫିସର ଦୀପକ ଅନିଲ ଆକାଶବାଣୀକୁ କହିଛନ୍ତି।

# - V/O -

ନୌସେନା ପକ୍ଷରୁ ୨୦ ପ୍ରକାରର ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ। ନୌସେନା ଯୋଦ୍ଧାମାନେ ଆକାଶରେ ମିଗ୍-୨୯ ଯୁଦ୍ଧବିମାନର କୌଶଳ ପ୍ରଦର୍ଶନ କରିବେ। ଏଥିସହ ନୌସେନାର ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ବେଳାଭୂମିରେ ଅପରେସନ୍ କରିବେ। ନୌସେନାର ସମରାଭ୍ୟାସକୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀ ବଡଦାଣ୍ଡ ସମେତ ସହରର ଅନ୍ୟ କେତେକ ସ୍ଥାନରେ ଆସନ୍ତା ରବିବାର ଠାରୁ ଗୁରୁବାର ପର୍ଯ୍ୟନ୍ତ କଟକଣା ଲାଗୁ କରାଯିବ।

***Desk***

## ଯୋଜନା ବୋର୍ଡ ପୁନର୍ଗଠନ

ରାଜ୍ୟ ସରକାର ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରିବାକୁ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଗତକାଲି କହିଛନ୍ତି। ବିଧାନସଭାରେ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ବିଗତ ୨୪ ବର୍ଷ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡର ବୈଠକ ୨୦୦୩ ଏବଂ ୨୦୦୭ ମସିହାରେ ହୋଇଥିଲା। ଯୋଜନାବୋର୍ଡକୁ ପୁନର୍ଗଠନ ଦିଗରେ ସରକାର ବିଚାର କରୁଛନ୍ତି ବୋଲି ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

***Desk***

## ଯୁକ୍ତ ଦୁଇ - ଫର୍ମ ପୂରଣ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପାଠ୍ୟକ୍ରମ ପରୀକ୍ଷାର ଫର୍ମ ପୂରଣ ଅବଧି ପୁଣି ଥରେ ବୃଦ୍ଧି କରାଯାଇଛି। ଆଜି ଓ ଆସନ୍ତାକାଲି ଆବେଦନକାରୀ ପରୀକ୍ଷାର୍ଥୀମାନେ ୬୦୦ ଟଙ୍କା ଜୋରିମାନା ଦାଖଲ କରି ଫର୍ମ ପୂରଣ କରିପାରିବେ। ଆସନ୍ତା ମାସ ୨ ତାରିଖ ମଧ୍ୟରେ ଦେୟ ଦାଖଲ କରିବାର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ସୁଦ୍ଧା ୩ ଲକ୍ଷ ୯୨ ହଜାର ୮୬୭ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପାଠ୍ୟକ୍ରମ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି।

***Nayagarh***

## ଜିଲ୍ଲାସ୍ତରୀୟ ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ଅଧିକାରୀମାନଙ୍କର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ

ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲ୍ଲାର କେଉଁ ଅଞ୍ଚଳରୁ କେତେ ରାଜସ୍ୱ ଆସୁଛି ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ଜିଲ୍ଲାରୁ ଅଧିକ ରାଜସ୍ୱ ଆଦାୟ ନେଇ ବୈଠକରେ ଆଲୋଚନା ହୋଇଥିଲା ।

***Nayagarh***

## ପିଏମ୍-ସ୍ୱନିଧି ଯୋଜନା

ନୟାଗଡ଼ ସହରର କ୍ଷୁଦ୍ର ବ୍ୟବସାୟୀ ତଥା ଉଠା ଦୋକାନୀ ଓ ବୁଲାବିକାଳିଙ୍କ ନିମନ୍ତେ ପିଏମ୍-ସ୍ୱନିଧି ଯୋଜନା ସମ୍ପର୍କୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ୟବସାୟ କ୍ଷେତ୍ରରେ ଆତ୍ମନିର୍ଭର ହେବାପାଇଁ କେନ୍ଦ୍ର ସରକାର ପ୍ରଣୟନ କରିଥିବା ଏହି ଯୋଜନା କିଭଳି ଏହି ବର୍ଗର ବ୍ୟବସାୟୀମାନଙ୍କର ସହାୟକ ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା ହୋଇଛି । ବିଭିନ୍ନ ବ୍ୟାଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ ଏବଂ ଆର୍ଥିକ ସ୍ଥିତିକୁ ମଜଭୁତ୍ କରିବା ଏହି ଯୋଜନାର ମୂଳଲକ୍ଷ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି ।

***Desk***

## ହାତୀ ଗଣନା

ରାଜ୍ୟରେ ୨ ହାଜର ୧୦୩ଟି ହାତୀ ଥିବା ଶୀତକାଳୀନ ହାତୀ ଗଣନା ରିପୋର୍ଟରେ କୁହାଯାଇଛି । ବିଗତ ୫ ମାସ ଗଣନା ମଧ୍ୟରେ ଆଉ ୫ଟି ହାତୀସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ୪୮ଟି ହାତୀର ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି । ବନବିଭାଗର ୮ଟି

ସର୍କଲ୍‌ର ୫୧ଟି ବନଖଣ୍ଡ ମଧ୍ୟରୁ ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା । ସୂଚନାଯୋଗ୍ୟ, ଚଳିତ ବର୍ଷ ଗ୍ରୀଷ୍ମକାଳୀନ ହାତୀ ଗଣନାରେ ରାଜ୍ୟରେ ମୋଟ୍ ହାତୀସଂଖ୍ୟା ୨ ହଜାର ୯୮ ଥିଲା ।

***Dhenkanal***

## କ୍ରେତା ବିକ୍ରେତା ବୈଠକ

ଢେଙ୍କାନାଳ ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଧରିତ୍ରୀ ଅଗ୍ରୋକୃଷକ ଉତ୍ପାଦକ କମ୍ପାନୀ ଓ ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ ବୋର୍ଡ ନିର୍ଦ୍ଦେଶକଙ୍କ ସହଯୋଗରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ କ୍ରେତା ବିକ୍ରେତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଉଚିତ ମୂଲ୍ୟରେ ଚାଷୀମାନେ କିପରି ଅଧିକ ଅମଳକ୍ଷମ କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା।

***Desk***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ କୋହଲା ପାଗ ଅନୁଭୂତି ହେଉଛି। କେତେକ ସ୍ଥାନରେ ସାମାନ୍ୟ ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।